MESSAGE OF THE HOLY FATHER FOR THE 100TH WORLD MISSION DAY,
25.01.2026

ପୂଣ୍ୟପିତାଙ୍କ ବାର୍ତ୍ତା
ଖ୍ରୀଷ୍ଟଙ୍କଠାରେ ଏକ ହୋଇ, ମିଶନ୍‌ରେ ସଂଯୁକ୍ତ ହେବା

ପ୍ରିୟ ଭାଇ ଓ ଭଉଣୀମାନେ, :

ଚଳିତ ୨୦୨୬ ସାଲର ବିଶ୍ୱ ମିଶନ୍ ଦିବସ, ସ୍ୱର୍ଗତଃ ପୂଣ୍ୟପିତା ଏକାଦଶ ପୀୟଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ ମିଶନ୍‌ର ଶହେତମ ବାର୍ଷିକୀ ଅଟେ । ଏହି ପରିପ୍ରେକ୍ଷୀରେ ମୁଁ ନିମ୍ନ ଶୀର୍ଷକଟିକୁ ମନୋନିତ କରିଅଛି: "ଖ୍ରୀଷ୍ଟଙ୍କଠାରେ ଏକ ହୋଇ ମିଶନରେ ସଂଯୁକ୍ତ ହେବା ।" ସଦ୍ୟ-ସମାପ୍ତ ଜୟନ୍ତୀ ପରେ ମୁଁ ସମସ୍ତ ବିଶ୍ୱାସୀ ସମୁଦାୟକୁ ପବିତ୍ରାତ୍ମାଠାରେ ପୂର୍ଣ୍ଣ ଆନନ୍ଦ ଓ ଉତ୍ସାହର ସହିତ ତାଙ୍କର ମିଶନାରୀ ଜୀବନକୁ ଅତିବାହିତ କରିବାକୁ ଉତ୍ସାହ ଦେବାକୁ ଉଚିତ୍ ମନେ କରେ । ଅତଏବ, ଏହି ମହାନ କାର୍ଯ୍ୟ ସକାଶେ ଖ୍ରୀଷ୍ଟଙ୍କଠାରେ ଆମ୍ଭମାନଙ୍କ ହୃଦୟର ସମ୍ମିଳନତା, ଗୋଷ୍ଟି ସକଳ ତଥା ଏକ ଅନ୍ୟ ମଧ୍ୟରେ ପୁନର୍ମିଳନ ଏବଂ ଉଦାରଶୀଳ ଭାବରେ ସମସ୍ତ କାର୍ଯ୍ୟରେ ସହଭାଗିତା ଓ ବିଶ୍ୱାସର ଆ୍ୟାବଶ୍ୟକତା ରହିଛି ।

ଆମ୍ଭେମାନେ ଖ୍ରୀଷ୍ଟ ଓ ମିଶନ୍‌ରେ ଏକୀଭୂତ ହେବା ବିଷୟକୁ ଧ୍ୟାନ କରୁଥିବା ଅବସରରେ, ଆସନ୍ତୁ ଆମେ ଐଶ୍ୱରୀକ ଅନୁଗ୍ରହରେ ମାର୍ଗଦର୍ଶୀ ଓ ଅନୁପ୍ରେରିତ ହେବାକୁ ନିଜକୁ ଛାଡ଼ିଦେବା । ଏହାଦ୍ୱାରା ଆମ୍ଭମାନଙ୍କଠାରେ ମିଶନାରୀ ଆହ୍ୱାନର ଅଗ୍ନି ନବୀକୃତ ହୋଇ ମଣ୍ଡଳୀର ନୂତନ ମିଶନାରୀ ଯୁଗରେ ସୁସମାଚାର ପ୍ରସାରଣର ଉତ୍ସର୍ଗିତ କାର୍ଯ୍ୟ ସମୂହ ଏକାଠି ହୋଇ ଅଗ୍ରସର ହେବ ।

୧. ଖ୍ରୀଷ୍ଟଙ୍କଠାରେ ଏକୀଭୂତ- ମିଶନାରୀ ଶିଷ୍ୟଗଣ ଖ୍ରୀଷ୍ଟ ଓ ଆମ ଭାଇ ଓ ଭଉଣୀ ସହିତ ସଂଯୁକ୍ତ:

ଖ୍ରୀଷ୍ଟଙ୍କଠାରେ ଏକୀଭୂତ ହେବାର ରହସ୍ୟ ମିଶନ୍‌ର ହୃଦୟାନ୍ତରାଳରେ ନିବଦ୍ଧ ଅଟେ । ସ୍ୱୟଂ ଖ୍ରୀଷ୍ଟ ଯନ୍ତ୍ରଣା ଭୋଗିବା ପୂର୍ବରୁ ନିଜର ପିତାଙ୍କଠାରେ ପ୍ରାର୍ଥନା କରି କହନ୍ତି, "ହେ ପିତା, ତୁମେ ମୋ'ଠାରେ ଓ ମୁଁ ତୁମଠାରେ ଯେପରି ଅବସ୍ଥିତ, ସେହିପରି ସେମାନେ ମଧ୍ୟ ଆମଠାରେ ଅବସ୍ଥାନ କରନ୍ତୁ ।" (ଯୋହନ ୧୭:୨୧) ଖ୍ରୀଷ୍ଟଙ୍କର ଏହି ଆନ୍ତରୀକ ଶବ୍ଦଗୁଡ଼ିକ ତାଙ୍କର ଗଭୀର ଉଦ୍ଦେଶ୍ୟ ପ୍ରକାଶ କରିବା ସହିତ ମଣ୍ଡଳୀକୁ ଶିଷ୍ୟ ସମୁଦାୟର ପରିଚୟ ଦିଅନ୍ତି । ଅର୍ଥାତ୍ ଏହି ଐକ୍ୟତା ତ୍ରୈକେଶ୍ୱରଙ୍କଠାରୁ ପ୍ରବାହିତ ହୋଇ ତ୍ରୈକେଶ୍ୱରଙ୍କ ଦ୍ୱାରା ହିଁ ସଂଜୀବିତ ହୋଇ ରହେ । ଏହି ସମୁଦାୟ ସମସ୍ତ ମାନବ ଜାତିଙ୍କଠାରେ ଭ୍ରାତୃଭାବର ସେବା ଓ ସକଳ ସୃଷ୍ଟି ମଧ୍ୟରେ ଏକତା ବଜାୟ ରଖିଥାଏ ।

ଖ୍ରୀଷ୍ଟିୟ ହେବାର ମୂଖ୍ୟ ଅର୍ଥ କେତେକ ନୀତି ଓ ଚିନ୍ତାଧାରାକୁ ଅଭ୍ୟାସ କରିବା ନୁହଁ; ବରଂ ଏହାର ଅର୍ଥ ପବିତ୍ରାତ୍ମାଙ୍କ ଦ୍ୱାରା ଖ୍ରୀଷ୍ଟଙ୍କଠାରେ ସଂଯୁକ୍ତ ଜୀବନକୁ ତାଙ୍କ ପିତାଙ୍କ ସହିତ ଏକ ଅନାବିଳ ସଂମ୍ପର୍କରେ

ଅତିବାହିତ ବିଷୟକୁ ବୁଝାଇଥାଏ । ଏହାର ଅର୍ଥ, ଦ୍ରାକ୍ଷାର ଲତା ସଦୃଶ୍ୟ ଖ୍ରୀଷ୍ଟଙ୍କଠାରେ ଆମେ ଯୋଡ଼ିତ ହୋଇ ରହିବା (ଯୋହନ ୧୫:୪), ଏବଂ ତ୍ରୈକେଶ୍ୱରଙ୍କ ଜୀବନରେ ବିଲୀନ ହୋଇ ରହିବା । ଏହି ଐକତା ବିଶ୍ୱାସୀଗଣଙ୍କ ମଧ୍ୟରେ ପରସ୍ପର ପ୍ରତି ଐକ୍ୟ ହେବାର ଉତ୍ସାହ ଜନ୍ମାଇ ଦିଏ ଯାହା ମିଶନ୍‌ର ଫଳବନ୍ତ ଉତ୍ସ ଅଟେ । ବାସ୍ତବରେ, ଯେଭଳି ସାଧୁ ପୂଣ୍ୟପିତା ଯୋହନ ପାଉଲ ଦ୍ୱିତୀୟ ଶିକ୍ଷା ଦିଅନ୍ତି, "ଐକ୍ୟତା, ଉଭୟ ଉତ୍ସ ତଥା ମିଶନ୍‌ର ଫଳକୁ ପ୍ରତିନିଧିତ୍ୱ କରେ ।"(Apostolic Exhortation ***Christifideles Laici***, 32)

ଏହି ସଂନ୍ଦର୍ଭରେ ମଣ୍ଡଳୀର ଅଗ୍ରାଧିକାର ମିଶନ୍ ଦାୟିତ୍ୱଟି ହେଲା ବିଶ୍ୱାସୀଗଣଙ୍କ ମଧ୍ୟରେ ଆଧ୍ୟାତ୍ମିକ ଓ ଭ୍ରାତୃଭାବ ଐକତାକୁ ନବୀକରଣ କରି ଏହାକୁ ବଜାୟ ରଖିବା । କାରଣ ଅଧିକାଂଶ ପରିସ୍ଥିତିରେ ଆମେ ଦ୍ୱନ୍ଦ୍ୱ, ଭୂଲ ବୁଝାମଣା ଓ ଏକ ଅନ୍ୟ ମଧ୍ୟରେ ଅବିଶ୍ୱାସର ସମ୍ମୁଖୀନ ହୋଇଥାଉ । ଯେତେବେଳେ ଏହା ଆମ୍ଭମାନଙ୍କ ସମୁଦାୟ ମଧ୍ୟରେ ପରିଲକ୍ଷିତ ହୁଏ ସେତେବେଳେ ଏହା ଆମ୍ଭମାନଙ୍କର ସାକ୍ଷ୍ୟର ଜୀବନକୁ ଦୁର୍ବଳ କରି ପକାଇଥାଏ । କାରଣ ଖ୍ରୀଷ୍ଟ ତାଙ୍କର ଶିଷ୍ୟଗଣଙ୍କୁ ଦେଇଥିବା ସୁସମାଚାର ସମ୍ପ୍ରସାରଣର ମିଶନ୍ କାର୍ଯ୍ୟଟି ଆନ୍ତରୀକ ଭାବରେ ପୁନର୍ମିଳନ ଓ ଐକ୍ୟ ପାଇଁ ଉତ୍ସାହର ଆବଶ୍ୟକ ଅଟେ । ପରିଶେଷରେ, ସମସ୍ତ ଖ୍ରୀଷ୍ଟିୟ ମଣ୍ଡଳୀର ସମୁଦାୟ ମଧ୍ୟରେ ଭାବ ଅଦାନ-ପ୍ରଦାନ ମନୋଭାକୁ ଆହୁରି ସକ୍ରିୟ କରିବା ସହିତ ନାଇସୀୟ ସମ୍ମିଳନୀର ୧୭୦୦ଶହ ତମ ମିଳିତ ବାର୍ଷିକୀ ପାଳନର ଆଧାରରେ ସଂଗଠିତ ହେବା ।

ସର୍ବ ଶେଷରେ, ଖ୍ରୀଷ୍ଟଙ୍କଠାରେ ଆମର ଐକ୍ୟତା, ପ୍ରଭୁଙ୍କଠାରେ ଆମର ନଜରକୁ ପ୍ରଭୁଙ୍କଠାରେ ନିବଦ୍ଧ କରିବାକୁ ଡ଼ାକରା ଦେଇଥାଏ । ଯଦ୍ୱାରା, ସେ ଆମ ଓ ଆମ ସମ୍ପ୍ରଦାୟ ଜୀବନର ବାସ୍ତବ କେନ୍ଦ୍ରବିନ୍ଦୁ ହୋଇପାରିବେ, ଆମର ପ୍ରତ୍ୟେକ ବାକ୍ୟ, କାର୍ଯ୍ୟ ଓ ପାରସ୍ପରିକ ସମ୍ପର୍କର କେନ୍ଦ୍ର ହୋଇ ଆମ୍ଭଙ୍କୁ ଏକ ଅନନ୍ୟ ସ୍ୱୀକାରୋକ୍ତିକୁ ପହଞ୍ଚାଇ ପାରିବେ । ସେହି ଅନନ୍ୟ ଅନୁଭୂତି କୁ ସାଧୁ ପାଉଲ ଏହିଭଳି କହନ୍ତି, "ବର୍ତମାନ ଯିଏ ଜୀବିତ, ସେ ଆଉ ମୁଁ ନୁହେଁ, ବରଂ ଖ୍ରୀଷ୍ଟ ହିଁ ମୋ'ଠାରେ ଜୀବିତ ଅଟନ୍ତି ।"(ଗାଲାତୀୟ ୨:୨୦) ଏହି ଈଶ୍ୱରୀୟ ବାକ୍ୟ ଗୁଡ଼ିକୁ ଆମ୍ଭେମାନେ ବାରମ୍ବାର ଶୁଣି ଏବଂ ସଂସ୍କାରୀୟ ଅନୁଗ୍ରହ ଦ୍ୱାରା ମଣ୍ଡଳୀରେ ଆମେ ସଭିଏଁ ଜୀବନ୍ତ ପ୍ରସ୍ତର ହେବା କିଛି ଅସମ୍ଭବ ନୁହେଁ । ଆଜି ମଣ୍ଡଳୀକୁ ଦ୍ୱିତୀୟ ଭାଟିକାନ୍ ମହା ସମ୍ମିଳନୀର ମୌଳିକ ବିଷୟଗୁଡ଼ିକୁ ଏବଂ ତଦନ୍ତର୍ଗତ ଅଧିକାରୀତ୍ୱକୁ ଗୁରୁତ୍ୱଭାବରେ ବିବେଚନା କରିବାକୁ ଆମନ୍ତ୍ରଣ କରାଯାଉଅଛି, ବିଶେଷ କରି ପୂଣ୍ୟପିତା ଫ୍ରାନ୍‌ସିସ୍‌ଙ୍କର । ବାସ୍ତବରେ ଯେଭଳି ସାଧୁ ପାଉଲ କହନ୍ତି, "ସ୍ୱୟଂ ଆମ ସମ୍ବନ୍ଧରେ ଆମେ ପ୍ରଚାର କରୁନାହୁଁ; ବରଂ ଯେଶୁ ଖ୍ରୀଷ୍ଟଙ୍କୁ ପ୍ରଭୁ ସ୍ୱରୂପ ଘୋଷଣା କରୁଅଛୁ ।" (୨କରିନ୍ଥୀୟ ୪:୫) କେବଳ ଏହି କାରଣରୁ ମୁଁ ସାଧୁ ପୂଣ୍ୟପିତା ପାଉଲ ଷଷ୍ଠଙ୍କ କଥାକୁ ବାରମ୍ବାର ଉଚ୍ଚାରିତ କରିବାକୁ ବାଧ ହୁଏ । ସେ କହନ୍ତି, "ସୁସମାଚାର ପ୍ରସାରଣ ବାସ୍ତବ ପ୍ରସାରଣ ନୁହଁ ଯଦି ସେହି ପ୍ରସାରଣରେ ଖ୍ରୀଷ୍ଟଙ୍କର ନାମ, ତାଙ୍କର ଶିକ୍ଷା, ତାଙ୍କର ଜୀବନୀ, ତାଙ୍କର ପ୍ରତିଶ୍ରୁତି, ତାଙ୍କର ରାଜ୍ୟ ଏବଂ ନାଜାରେତୀୟ ଯୀଶୁଙ୍କର ରହସ୍ୟ ତଥା ତାଙ୍କୁ ଈଶ୍ୱର ପୁତ୍ର ବୋଲି ଯଦି ପ୍ରଚାରିତ ହୁଏ ନାହିଁ ।" (Apostolic Exhortation *Evangelii Nuntiandi*, 22) ଏହି ବାସ୍ତବ ସମ୍ପ୍ରସାରଣର ଧାରା ପ୍ରତ୍ୟେକ ଖ୍ରୀଷ୍ଟିୟଙ୍କ ହୃଦୟରୁ ଆରମ୍ଭ

ହୋଇଥାଏ ଯଦ୍ଦ୍ୱାରା ଏହା ସମଗ୍ର ମାନବ ଜାତି ନିକଟକୁ ପହଞ୍ଚି ପାରିବ । ଅତଏବ, ଆମେ ଖ୍ରୀଷ୍ଟଙ୍କଠାରେ ଯେତେ ଅଧିକ ସଂଯୁକ୍ତ ହୋଇ ରହିବା ସେତେ ଉତ୍ତମ ଭାବରେ ସେ ଦେଇଥିବା ମିଶନ୍ କାର୍ଯ୍ୟକୁ ପୂରଣ କରି ପାରିବା ।

୨. ମିଶନ୍‌ରେ ସଂଯୁକ୍ତ ହୋଇ ରହିବା- ଯଦ୍ଦ୍ୱାରା ମାନବ ଜାତି ଖ୍ରୀଷ୍ଟ ପ୍ରଭୁଙ୍କଠାରେ ବିଶ୍ୱାସ କରିବେ

ଖ୍ରୀଷ୍ଟ ଶିଷ୍ୟଗଣଙ୍କ ଐକ୍ୟତା ହେବା କେବଳ ନୁହଁ ବରଂ ସେମାନଙ୍କର ଐକ୍ୟତା ମିଶନ୍ ଆଡ଼କୁ ଦୃଷ୍ଟିପାତ କରେ । ଏହା ସମ୍ବନ୍ଧରେ ଯୀଶୁ ଏହିଭଳି କହନ୍ତି, "ଯଦ୍ଦ୍ୱାରା ଜଗତ ବିଶ୍ୱାସ କରିବ ଯେ ତୁମେ ମୋତେ ପ୍ରେରଣ କରିଅଛ ।" (ଯୋହନ ୧୭:୨୧) ବାସ୍ତବରେ ଏହା ପୁନର୍ମିଳନର ସାକ୍ଷ୍ୟ, ଭ୍ରାତୃଭାବ ଏବଂ ସମୁଦାୟର ଏକତା ଦ୍ୱାରା ହିଁ ସୁସମାଚାର ପ୍ରସାରଣ କାର୍ଯ୍ୟଟି ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତ ହୋଇଥାଏ ।

ଏହି ସନ୍ଦର୍ଭରେ, ଧନ୍ୟ ପାଓଲ ମାନ୍ନାଙ୍କ ଶୀର୍ଷକ କୁ ସ୍ମରଣ କରିବା ଯର୍ଥାଥ ଅଟେ । ସେ କହନ୍ତି, "ସମୁଦାୟ ଖ୍ରୀଷ୍ଟିୟ ମଣ୍ଡଳୀ ମାନବ ଜାତିର ପରିବର୍ତ୍ତନ ସକାଶେ ଏକୀଭୂତ ଅଟନ୍ତି," ଯାହାର ସଂକ୍ଷିପ୍ତ ପ୍ରକାଶନ ୧୯୧୬ ସାଲରେ ପୂଣ୍ୟପିତାଙ୍କ ମିଶନାରୀ ସଂଗଠନ ସ୍ଥାପନା ସକାଶେ ଅନୁପ୍ରେରଣା ଯୋଗାଇଥିଲା । ସଂଗଠନ ସ୍ଥାପନାର ୧୧୦ତମ ବାର୍ଷିକୀ ଅବସରରେ, ମିଶନାରୀ ଉତ୍ସାହ ଭରା ଯାଜକମାନଙ୍କୁ, ସମର୍ପିତ ବ୍ୟକ୍ତି ବିଶେଷ ତଥା ବିଶ୍ୱାସୀଗଣଙ୍କୁ ଏବଂ ମିଶନ୍‌ର ସମସ୍ତ ଉତ୍ସାହଗୁଡ଼ିକର ଐକତା ସକାଶେ ଉତ୍ସର୍ଗିତ ଥିବାରୁ ଏହି ଆୟୋଗ ପ୍ରତି ମୁଁ ମୋର ହାର୍ଦ୍ଦିକ କୃତଜ୍ଞତା ଓ ଆଶୀର୍ବାଦ ଦେଉଅଛି । ବାସ୍ତବରେ ମିଶନ୍ କାର୍ଯ୍ୟରୁ କୌଣସି ଦୀକ୍ଷିତ ବ୍ୟକ୍ତି ବଂଚିତ ନୁହଁ କି ଅସକ୍ରିୟ ନୁହଁ । ପ୍ରତ୍ୟେକେ, ନିଜ ନିଜର ଆହ୍ୱାନ ଓ ଜୀବନର ପରିସ୍ଥିତି ଅନୁସାରେ ମଣ୍ଡଳୀକୁ ଖ୍ରୀଷ୍ଟ ଦେଇଥିବା ସେହି ମହାନ ମିଶନ୍ କାର୍ଯ୍ୟରେ ଅନ୍ତଃର୍ଭୂକ୍ତ ହୋଇଥାନ୍ତି । ଯେପରି ପୂଣ୍ୟପିତା ଫ୍ରାନ୍‌ସିସ୍ ଆମ୍ଭମାନଙ୍କୁ ବାରମ୍ବାର ସ୍ମରଣ କରାଇ ଦେଇ କହନ୍ତି ଯେ, ସୁସମାଚାର ସମ୍ପ୍ରସାରଣ କାର୍ଯ୍ୟ ସର୍ବଦା ଐକ୍ୟ, ସମୁଦାୟ ଓ ସୀନଡ଼ୀୟ ଅଟେ ।

କେବଳ ଏହି କାରଣରୁ ମିଶନ୍‌ର ଐକ୍ୟତା କହିଲେ ଏକତାର ମନୋଭାବ ଓ ମିଶନାରୀ ସହଯୋଗକୁ ସୁରକ୍ଷା ଦେବା ଓ ଏହାର ପ୍ରଯତ୍ନକୁ ବୁଝାଇଥାଏ । ପ୍ରତ୍ୟହ ଏହି ମନୋଭାକୁ ଆପଣାଇବା ଦ୍ୱାରା ଐଶ୍ୱରୀକ ଅନୁଗ୍ରହରେ ଆପଣା ଭାଇ ଓ ଭଉଣୀଙ୍କୁ ଧିରେ ଧିରେ ବିଶ୍ୱାସର ଚକ୍ଷୁରେ ଦେଖିବାକୁ ସାହାଯ୍ୟ କରେ । ଏତଦ୍ ବ୍ୟତୀତ ଆମ୍ଭେ ପ୍ରତ୍ୟେକେ ସାନନ୍ଦରେ ଶିକ୍ଷା ପାଉଥାଉ ଯେ କିଭଳି ଆମ୍ଭ ବିଭିନ୍ନତାକୁ ଏକ ମୂଲ୍ୟବାନ ସମ୍ପତି ରୂପେ ଆପଣାଇବା, ଏକ ଅନ୍ୟର ଭାରକୁ ବହନ କରିବା ଓ ଉର୍ଦ୍ଧଲୋକରୁ ଆଗତ ଐକ୍ୟତାର ଅନୁସନ୍ଧାନ ଭଳି ମଙ୍ଗଳଜନକ ଅନୁପ୍ରେରଣା ଦେଇ ଚାଲନ୍ତି । ବାସ୍ତବରେ, ଆମ୍ଭେ ପ୍ରତ୍ୟେକେ ପ୍ରଭୁଙ୍କଠାରେ ଏକ ହିଁ ମିଶନ୍‌ରେ ସହଭାଗିତା କରୁ, "ପ୍ରଭୁ ଏକ, ବିଶ୍ୱାସ ଏକ ଓ ଦୀକ୍ଷାସ୍ନାନ ଏକ । ସମସ୍ତଙ୍କ ଉର୍ଦ୍ଧସ୍ଥ ଏବଂ ସମସ୍ତଙ୍କ ଦ୍ୱାରା ତଥା ସମସ୍ତଙ୍କଠାରେ କାର୍ଯ୍ୟକାରୀ ଆମ ସମସ୍ତଙ୍କ ଈଶ୍ୱର ଓ ପିତା ମଧ୍ୟ ଏକ ।" (ଏଫେସୀୟ ୪:୫-୬) ଏହି ଆଧ୍ୟାତ୍ମିକ ଚିନ୍ତନ ହିଁ ମିଶନାରୀ ଶିଷ୍ୟମାନଙ୍କର ନିତ୍ୟ ଜୀବନର ଆଧାର ଅଟେ । ଏହା ଆମ୍ଭମାନଙ୍କୁ ମଣ୍ଡଳୀର

ସୁସମାଚାର ସମ୍ପ୍ରସାରଣର ସାର୍ବଜନୀନ ଲକ୍ଷ୍ୟକୁ ପୁନଃସ୍ଥାପନ କରିବା ସହିତ, ଅସହଯୋଗ ମନୋଭାବର ଉର୍ଦ୍ଧକୁ ଉଠିବା ପାଇଁ ଏବଂ ଖ୍ରୀଷ୍ଟ ଅନୁଗାମୀଙ୍କ ମଧ୍ୟରେ ଭେଦଭାବକୁ ଦୂର କରିଥାଏ, ଯେଭଳି; ମୁଁ ପାଉଲଙ୍କର, କିମ୍ବା ମୁଁ ଆପୋଲଙ୍କର, ଇତ୍ୟାଦି (୧କରିନ୍ଥୀୟ ୧:୧୦-୧୨)।

ଯେତେବେଳେ ଆଞ୍ଚଳିକ ଗୋଷ୍ଠୀ ସମୂହ ଏକ ଅନ୍ୟ ସହିତ ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ବିଭିନ୍ନ ପୂଜନବିଧିକୁ ସମ୍ପୂର୍ଣ୍ଣ ଓ ସମାନ୍ତରାଳ ବିଶ୍ୱାସ ଭାବରେ ସହଯୋଗ କରନ୍ତି, ସେତେବେଳେ ହିଁ ସୁସମାଚାର ସମ୍ପ୍ରସାରଣର କାର୍ଯ୍ୟ ଟି ସଫଳ ହୋଇଥାଏ । ସୁତରାଂ, ମଣ୍ଡଳୀର ସମସ୍ତ ଅନୁଷ୍ଠାନ ଗୁଡ଼ିକୁ ମୁଁ ଉତ୍ସାହ ଦେଇ କହିବାକୁ ଚାହେଁ ଯେ, ସେମାନେ ତାଙ୍କର ମିଶନାରୀ ସହଯୋଗକୁ ସୁଦୃଢ଼ କରାନ୍ତୁ ଏବଂ ସୃଜନ ଓ ବ୍ୟାବହାରୀକ ଉପାୟରେ ମିଶନ୍ କାର୍ଯ୍ୟରେ ସହଯୋଗ କରନ୍ତୁ ।

ଏହି ପରିପେକ୍ଷୀରେ, ପେରୁ ସ୍ଥିତ ପୂଣ୍ୟପିତାଙ୍କର ମିଶନ୍ ଆୟୋଗ ପ୍ରତି ମୁଁ ମୋର ହାର୍ଦ୍ଦିକ ଧନ୍ୟବାଦ ଜଣାଏଁ ଯେଉଁ ମିଶନ୍ ଆୟୋଗ କୃତଜ୍ଞ ଚିତ୍ତରେ ମିଶନ୍ ପ୍ରତି ସହଯୋଗ ଯାଗାଇଛି । ଏହି ଆୟୋଗ ସମୂହ ଯଥା- ବିଶ୍ୱାସର ସମ୍ପ୍ରସାରଣ, ପୂଣ୍ୟ ଶିଶୁସଂଘ, ପ୍ରେରିତ ସାଧୁ ପିତରଙ୍କ ଆୟୋଗ ଏବଂ ପୂଣ୍ୟପିତାଙ୍କ ମିଶନାରୀ ଆୟୋଗ, ଏସମସ୍ତ ଆୟୋଗ ଗୁଡ଼ିକ ବର୍ଷ ବର୍ଷ ଧରି ବିଶ୍ୱାସୀଗଣଙ୍କ ମଧ୍ୟରେ ମିଶନାରୀ ସଚେତନତା ଜାଗ୍ରତ କରିବା ସହିତ ପ୍ରାର୍ଥନା ଓ ମିଳିତ ସେବା ଦେଇ ଆସୁଛନ୍ତି ଯାହା ପୃଥିବୀସ୍ଥ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ସ୍ଥାପନରେ ଯଥେଷ୍ଟ ସହାୟ ହୋଇଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଏହି ଯେ ଧନ୍ୟା ପାଉଲିନ୍ ମାରିଏ ଯେରିକୋଟ୍ ବିଶ୍ୱାସ ସମ୍ପ୍ରସାରଣ ଆୟୋଗର ପ୍ରତିଷ୍ଠାତ୍ରୀ ଦୁଇ ଶହ ବର୍ଷ ପୂର୍ବରୁ ମିଶନ୍ ସକାଶେ ମାଳା ପ୍ରାର୍ଥନାର ପରମ୍ପରା ସ୍ଥାପନ କରିଥିଲେ । ଆଜି ସୁଦ୍ଧା ଏହି ପରମ୍ପରା ପ୍ରତ୍ୟେକ ଆଧ୍ୟାତ୍ମିକ ଓ ମିଶନ୍ ଆବଶ୍ୟକ ନିମନ୍ତେ, ପୃଥିବୀସ୍ଥ ବିଶ୍ୱାସୀଗଣଙ୍କୁ ପ୍ରାର୍ଥନାରେ ଏକତ୍ର କରି ଚାଲିଛି । ସୁତରାଂ, ମିଶନ୍ ଆଧାରିତ ପୂଣ୍ୟପିତାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଚାରୋଟି ଆୟୋଗ ଯାହା ମଣ୍ଡଳୀ ଐକ୍ୟତାର ଏକ ଜୀବନ୍ତ ଚିହ୍ନ ଅଟେ ସେହି ଆୟୋଗକୁ ଆପଣ ସମସ୍ତେ ଅକୁଣ୍ଠ ଚିତ୍ତରେ ସହଯୋଗ କରି ଚାଲନ୍ତୁ ।

୩. ମିଶନ୍ ପ୍ରତି ଆମର ପ୍ରେମ - ଘୋଷଣା, ଯାପନ ଓ ଈଶ୍ୱରଙ୍କ ବିଶ୍ୱସ୍ତ ପ୍ରେମକୁ ବାଣ୍ଟିବା

ଯଦି ମିଶନ୍‌ର ପରିଚୟ ଐକ୍ୟତା ଅଟେ ତେବେ ପ୍ରେମ ଅଟେ ଏହାର ସ୍ୱଭାବ । କାରଣ, ପୃଥିବୀକୁ ଯେଉଁ ପ୍ରେମର ସଂନ୍ଦେଶ ପ୍ରଚାର କରିବାକୁ ଆମେ ପ୍ରେରିତ ଅଟୁ ଏହା କୌଣସି କପୋଳ-କଳ୍ପିତ ବିଷୟ ନୁହେଁ; ବରଂ ଏହା ଅଟେ ଈଶ୍ୱରଙ୍କ ବିଶ୍ୱସ୍ତ ପ୍ରେମର ସଂନ୍ଦେଶ ଯାହା ଖ୍ରୀଷ୍ଟ ଯୀଶୁଙ୍କ ରୂପରେ ଦେହ ଧାରଣ କରିଥିଲା ।

ସର୍ବପରିକେ, ଶିଷ୍ୟଗଣ ଏବଂ ମଣ୍ଡଳୀର ଦାୟିତ୍ୱ ଅଟେ ପବିତ୍ରାତ୍ମାଙ୍କ ଦ୍ୱାରା ଖ୍ରୀଷ୍ଟ ଯୀଶୁଙ୍କର ମିଶନ୍ କାର୍ଯ୍ୟକୁ ବଜାୟ ରଖିବା: ଯେଉଁ ମିଶନ୍ ଟି ପ୍ରେମରେ ସୃଷ୍ଟ, ପ୍ରେମରେ ଯାପିତ ଏବଂ ପ୍ରେମ ଆଡ଼କୁ ପରିଚାଳିତ । ବାସ୍ତବରେ, ସ୍ୱୟଂ ପ୍ରଭୁ ଯୀଶୁ ତାଙ୍କର ଅମାପ ଯନ୍ତ୍ରଣା ଭୋଗିବା ପୂର୍ବରୁ ସେ ତାଙ୍କ ପିତାଙ୍କ ନିକଟରେ ନିଜର ଶିଷ୍ୟଗଣଙ୍କ ଐକତା ସକାଶେ କରିଥିବା ମହାନ ପ୍ରାର୍ଥନାଟି ପରିସମାପ୍ତ କରି ଏହିଭଳି କହନ୍ତି, "ତୁମେ ମୋତେ

ଦେଇଥିବା ସ୍ନେହ ଯେପରି ସେମାନଙ୍କଠାରେ ଏବଂ ମୁଁ ଯେପରି ସେମାନଙ୍କଠାରେ ଅବସ୍ଥାନ କରେ, ସେଥି ସକାଶେ ମୁଁ ତୁମ ନାମକୁ ଆହୁରି ଅଧିକ ପ୍ରକଟ କରିବି ।" (ଯୋହନ ୧୭:୨୬) ଖ୍ରୀଷ୍ଟଙ୍କ ପ୍ରେମରେ ପ୍ରୋତ୍ସାହିତ ହୋଇ ପ୍ରେରିତଗଣ ଖ୍ରୀଷ୍ଟଙ୍କ ପାଇଁ ପ୍ରଚାର କରିବା ପାଇଁ ବାହାରି ପଡ଼ିଲେ । (୨କରିନ୍ଥୀୟ ୫:୧୪) ଠିକ୍ ଏତାଦୃଶ୍ୟ ଶତାବ୍ଦୀ ଶତାବ୍ଦୀ ଧରି ଅସଂଖ୍ୟ ଖ୍ରୀଷ୍ଟ ବିଶ୍ୱାସୀବୃନ୍ଦ- ଧର୍ମସହୀଦ୍, ଧର୍ମ ସାକ୍ଷ୍ୟଗଣ ଏବଂ ମିଶନାରୀଗଣ ଐଶ୍ୱରୀକ ପ୍ରେମକୁ ପୃଥିବୀ ବକ୍ଷରେ ପ୍ରଚାର ଓ ପ୍ରସାର କରିବା ପାଇଁ ନିଜର ଜୀବନ ସୁଦ୍ଧା ବଳି ଦେଇଛନ୍ତି । ସୁତରାଂ, ପ୍ରେମର ଉତ୍ସ ପବିତ୍ରାତ୍ମାଙ୍କ ଦ୍ୱାରା ସଂଚାଳିତ ହୋଇ ମଣ୍ଡଳୀର ଏହି ସୁସମାଚାର ସଂପ୍ରସାରଣ କାର୍ଯ୍ୟଟି ଜଗତର ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିବ ।

ଏହି ସୁଅବସରରେ, ମୁଁ ଅଣ-ଖ୍ରୀଷ୍ଟିୟ ଲୋକଙ୍କ ମଧ୍ୟରେ ମିଶନାରୀ କାର୍ଯ୍ୟ ଚଳାଇଥିବା ସପସ୍ତ ମିଶନାରୀଗଣଙ୍କ ପ୍ରତି ମୋର କୃତଜ୍ଞତା ଜଣାଉଁଅଛି । ଫ୍ରାନ୍‌ସିସ୍ ଜେଭିଅରଙ୍କ ଭଳି ସେମାନେ ମଧ ସଂଘର୍ଷପୂର୍ଣ୍ଣ ସ୍ଥାନରେ, ଗରିବ ଲୋକଙ୍କଠାରେ ତଥା ବିରୋଧି ସ୍ଥାନରେ ସୁସମାଚାର ପ୍ରଚାର କରି ଖ୍ରୀଷ୍ଟ ତଥା ତାଙ୍କର ପ୍ରେମକୁ ସ୍ଥାପନ କରିବା ପାଇଁ ନିଜ ନିଜର ଭିଟା-ମାଟି, ଆତ୍ମୀୟ-ସ୍ୱଜନ ଓ ସୁରକ୍ଷା ଇତ୍ୟାଦି ତ୍ୟାଗ କରି ଚାଲି ଆସିଛନ୍ତି । ସମସ୍ତ ପ୍ରକାରର ଦୁଃସ୍ଥିତି ଓ ମାନବିକ ଦୁର୍ବଳତା ସତ୍ତ୍ୱେ ସେମାନେ ନିଜକୁ ସାନନ୍ଦରେ ଏହି ମହତ୍ ଉଦ୍ଦେଶ୍ୟ ପାଇଁ ସମର୍ପି ଚାଲିଛନ୍ତି, କାରଣ ସେମାନେ ଜାଣିଛନ୍ତି ଯେ, ଖ୍ରୀଷ୍ଟ ଏବଂ ତାଙ୍କର ସୁସମାଚାର ଭଳି ଅମୂଲ୍ୟ ସମ୍ପଦ ହିଁ ସେମାନେ ଅନ୍ୟକୁ ଦେଇ ପାରିବେ । ସେମାନେ ନିଜର ନିରନ୍ତର ପ୍ରଯତ୍ନ ଦ୍ୱାରା ଦେଖାଇ ଦିଅନ୍ତି ଯେ ପରମେଶ୍ୱରଙ୍କ ପ୍ରେମ ସମସ୍ତ ପ୍ରକାରର ପରିସୀମାକୁ ଟପି ଯାଇପାରେ । ଜଗତ ଆଜି ସୁଦ୍ଧା ଖ୍ରୀଷ୍ଟଙ୍କର ଏହି ଧରଣର ଦୁଃସାହସୀ ସାକ୍ଷ୍ୟଗଣଙ୍କର ଏବଂ ମଣ୍ଡଳୀ ପ୍ରତିଦିନ ନୂଆଁ ନୂଆଁ ଆହୁତ ମିଶନାରୀଙ୍କର ଆବଶ୍ୟକ କରେ । ଏହି ମହତ୍ ଉଦ୍ଦେଶ୍ୟ ରଖି ଆମ୍ଭେମାନେ ପ୍ରାର୍ଥନା କରୁଥିବା ।

ଉଭୟ ପୁରୁଷ ଓ ମହିଳା ମିଶନାରୀମାନଙ୍କ ସକାଶେ କୃତଜ୍ଞତାରେ ଭରପୂର ହୋଇ ଏହି ମିଶନାରୀମାନଙ୍କ ସହିତ ନିଜର ସାକ୍ଷ୍ୟ ଦ୍ୱାରା, ପ୍ରାର୍ଥନା ଦ୍ୱାରା ଏବଂ ଅନୁଦାନ ଦ୍ୱାରା ସମ୍ମିଳିତ ହେବାକୁ ମୁଁ ସମଗ୍ର ମଣ୍ଡଳୀକୁ ଏକ ବିଶେଷ ଆହ୍ୱାନ ଜଣାଏ । ଯେପରି ସାଧୁ ଫ୍ରାନ୍‌ସିସ୍ ଆଶିଷୀ କହନ୍ତି, "ପ୍ରେମର ଉତ୍ସ ଈଶ୍ୱର ସ୍ୱତଃପ୍ରବୃତ ଭାବରେ ଉପେକ୍ଷିତ" । ଏହି ବର୍ଷ ସେହି ମହାନ ସାଧୁଙ୍କର ଆଠଶହ ତମ ମୃତ ବାର୍ଷିକୀକୁ ଆମେ ଏକ ବିଶେଷ ଦୃଷ୍ଟିକୋଣରେ ଦେଖୁଅଛୁ । ଆସନ୍ତୁ ଏହି ମହା ପୁରଷଙ୍କ ଜୀବନୀରୁ ଆମେ ଅନୁପ୍ରାଣିତ ହୋଇ ପ୍ରଭୁଙ୍କ ସ୍ନେହରେ ଜୀବନ ବିତାଇବା ଏବଂ ସେହି ପ୍ରେମକୁ ଏକ ଅନ୍ୟକୁ ବାଣ୍ଟିବା । କାରଣ ସେ କହନ୍ତି, "ଯିଏ ଆମକୁ ଅସୀମ ଭାବରେ ପ୍ରେମ କରିଅଛନ୍ତି ସେ ଆମଠାରୁ ଅଧିକ ପ୍ରେମ ପାଇବା ଯୋଗ୍ୟ ଅଟନ୍ତି ।" (ସାଧୁ ବନଭେନ୍‌ଚର) ଆମେ ମଧ ଉତ୍ସାହୀ ଶିଶୁ ଯୀଶୁଙ୍କର ସାଧ୍ୱୀ ତେରେସାଙ୍କଠାରୁ ଅନୁପ୍ରାଣିତ ହେବା ଯିଏ ମୃତ୍ୟୁ ପରେ ସୁଦ୍ଧା ତାଙ୍କର ମିଶନ୍ କାର୍ଯ୍ୟକୁ ବଳବତ୍ତ୍ୱର ରଖିବାକୁ ଘୋଷଣା କରି କହନ୍ତି, "ମୁଁ ଇଚ୍ଛା କରେ ଯେ ଯାହା ମୁଁ ଏହି ମର ଧାମରେ କରୁଅଛି ସ୍ୱର୍ଗରେ ସୁଦ୍ଧା ମୁଁ ସେହି କାମ କରେ: ପ୍ରଭୁ ଯୀଶୁଙ୍କୁ ମୁଁ ପ୍ରେମ କରିବି ଏବଂ ଅନ୍ୟମାନଙ୍କ ଦ୍ୱାରା ମଧ ତାଙ୍କୁ ପ୍ରେମ କରାଇବି ।" (***Letter 220 to l'Abbe' Belliere, 24 February 1897***)

ଏସମସ୍ତ ସାକ୍ଷ୍ୟଗୁଡ଼ିକ ଦ୍ୱାରା ଅନୁପ୍ରାଣିତ ହୋଇ ଆସନ୍ତୁ ଆମେ ସମସ୍ତେ ପାଇଥିବା ଆହ୍ୱାନ ଓ ବରଦାନ ଆଧାରରେ ପ୍ରେମର ସାକ୍ଷ୍ୟ ସ୍ୱରୂପ ସୁସମାଚାର ସମ୍ପ୍ରସାରଣ ମିଶନ୍ କାର୍ଯ୍ୟ ପ୍ରତି ନିଜକୁ ସମର୍ପି ଦେବା । ସ୍ୱବିଶେଷ ଭାବରେ ବିଶ୍ୱ ମିଶନ୍ ଦିନରେ ଆପଣଙ୍କର ର୍ପାର୍ଥନା ଓ ଭୌତିକ ସହଯୋଗ ଈଶ୍ୱରଙ୍କ ପ୍ରେମର ସୁସମାଚାରକୁ ଦୁସ୍ଥ ଓ ଅବହେଳିତ ଲୋକଙ୍କଠାରେ ପହଞ୍ଚାଇବାରେ ଯଥେଷ୍ଟ ସହାୟକ ହେବ । କାରଣ ପ୍ରତ୍ୟେକ ଅନୁଦାନ, ଏହା ଛୋଟ ହେଲେ ସୁଦ୍ଧା ତାହା ଅର୍ଥପୂର୍ଣ୍ଣ ମିଶନାରୀ ସହଯୋଗର କାର୍ଯ୍ୟ ହୋଇଥାଏ । ଅତଏବ, ପୁନର୍ବାର ମୁଁ, "ଆପଣମାନେ ମୋତେ ଏବଂ ବିଶ୍ୱର ସମସ୍ତ ମିଶନାରୀଙ୍କ ପାଇଁ ଯାହା ସବୁ କରିବେ" ସେଥି ସକାଶେ ମୋର କୃତଜ୍ଞତା ପ୍ରକାଶ କରେ । (***Video Message for World Mission Day 2025m 19 October 2025***) । ମୋର ଏହି କ୍ଷୁଦ୍ର ପ୍ରାର୍ଥନା ସହିତ ମୋର ଆଶିର୍ବାଦ ଦେଉଅଛି:

ହେ ପବିତ୍ର ଈଶ୍ୱର, ଆମ ସମସ୍ତଙ୍କୁ ଖ୍ରୀଷ୍ଟଙ୍କଠାରେ ସଂଯୁକ୍ତ କରାଅ, ତାଙ୍କ ପ୍ରେମରେ ସ୍ଥାପିତ ହେବାକୁ ଦିଅ ଯାହା ସର୍ବଦା ଐକ୍ୟତା ଓ ନବୀକରଣ ଆଣିଥାଏ । ମଣ୍ଡଳୀର ପ୍ରତେକେ ମିଶନ୍ କାର୍ଯ୍ୟରେ ସମ୍ମିଳିତ ହୁଅନ୍ତୁ, ପବିତ୍ରାତ୍ମାଙ୍କର ଅଧିନ ହୋଇ ରହନ୍ତୁ, ଏବଂ ସୁସମାଚାର ଘୋଷଣା ଓ ସାକ୍ଷ୍ୟ ଦେଇ ପ୍ରତ୍ୟହ ତୁମ୍ଭ ବିଶ୍ୱସ୍ତ ପ୍ରେମକୁ ସମସ୍ତ ସୃଷ୍ଟି ମଧ୍ୟରେ ସାକାର କରନ୍ତୁ ।

ସମସ୍ତ ମିଶନାରୀଗଣଙ୍କୁ ଆଶୀର୍ବାଦ କର, ସେମାନଙ୍କର ପରିଶ୍ରମରେ ସହାୟ ହୁଅ ଏବଂ ଆଶାରେ ସେମାନଙ୍କର ତତ୍ତ୍ୱାବଧାନ ରଖ !

ମିଶନ୍‌ର ରାଣୀ ଧନ୍ୟା କୁମାରୀ ମାରୀଆ, ସମଗ୍ର ଜଗତରେ ସୁସମାଚାର ସମ୍ପ୍ରସାରଣର ମିଶନ୍ କାର୍ଯ୍ୟରେ ଆମର ସାଥି ହୁଅ: ଆମ୍ଭମାନଙ୍କୁ ଶାନ୍ତିର ଦୂତ କରାଅ, ଯଦ୍ଦ୍ୱାରା ସମସ୍ତେ ଖ୍ରୀଷ୍ଟଙ୍କଠାରେ ପରିତ୍ରାଣର ଦିବ୍ୟ ଆଲୋକକୁ ଚିହ୍ନି ପାରିବେ । ଆମେନ୍ ।

*From the Vatican, 25 January 2026, Third Sunday in Ordinary Time, Feast of the Conversion of Saint Paul.*

**LEO PP. XIV**